ସକାଳ THE SAKALA



**ବାରଙ୍ଗ 'ଥାର୍ଡ ଡିଗ୍ରୀ' ମାମଲା**

# ପୁଲିସର ସଫେଇ ଯେତିକି, ସନ୍ଦେହ ସେତିକି

କଟକ/ବାରଙ୍ଗ, ୩୧।୫(ସମିସ): କଟକ ଜିଲ୍ଲା ବାରଙ୍ଗ ଥାନାରେ ଜଣେ ନିରୀହ ଯୁବକଙ୍କୁ ଅମାନୁଷିକ ନିର୍ଯାତନା ଘଟଣା ଏବେ ପୁଲିସ ପ୍ରଶାସନକୁ ହରଡ଼ଘଣାରେ ପକାଇଛି। ଏହି ସାଙ୍ଘାତିକ ମାମଲାରେ ବାରଙ୍ଗ ପୁଲିସ ଯେତିକି ସଫେଇ ଦେଉଛି, ଜନସାଧାରଣଙ୍କ ମନରେ ସନ୍ଦେହ ସେତିକି ଘନୀଭୂତ ହେବାରେ ଲାଗିଛି। ବର୍ତ୍ତମାନ ଏହି ପ୍ରସଙ୍ଗରେ କେବଳ ପୁଲିସ ନୁହେଁ, ବରଂ ଫୁଲନଖରାସ୍ଥିତ

- ନଖରା ମେଡ୍ ଏକ୍ସ ହସ୍ପିଟାଲର ଭୂମିକା ଉପରେ ଉଠିଲା ପ୍ରଶ୍ନ
- ଶନିବାର ରାତିରେ ସୁରକ୍ଷିତ ଘରକୁ ଫେରିଲେ ରାକେଶଙ୍କ ସ୍ତ୍ରୀ
- କଟକ ବଡ଼ ମେଡିକାଲରେ ପୀଡ଼ିତଙ୍କୁ ଭେଟିଲା ଶାନ୍ତି କମିଟି

'ମେଡ୍-ଏକ୍ସ' ହସ୍ପିଟାଲର ସନ୍ଦେହଜନକ ଭୂମିକାକୁ ନେଇ ମଧ ଚର୍ଚ୍ଚା ଜୋର୍ ଧରିଛି।

ଗତ ୨୪ ତାରିଖରେ ଚଣ୍ଡିପ୍ରସାଦ ଗ୍ରାମର ରାକେଶ ବେହେରାଙ୍କୁ ପୁଲିସ ହାଜତ ଭିତରେ ବର୍ବରୋଚିତ ଭାବେ ପୁଲିସ ପିଟିଥିବା ପରିବାରଲୋକେ ଅଭିଯୋଗ ଆଣିବା ପରେ ଏହାକୁ ଚାପିବା ପାଇଁ ପୁଲିସ ଉଦ୍ୟମ ଚଳାଇଥିଲା। ଏହି ଘଟଣାରେ ପୂର୍ବରୁ କଟକ ଡିସିପି ଋଷିକେଶ ଖିଲାରୀ ପ୍ରଥମେ ସିସିଟିଭି ଫୁଟେଜ୍ ଦେଖି ତଦନ୍ତ ହେବ ବୋଲି କହିବା ସହ ପରବର୍ତ୍ତୀ ସମୟରେ ରାକେଶଙ୍କୁ କୌଣସି ମାଡ଼ ମରାଯାଇନାହିଁ, ବରଂ ତାଙ୍କର ପୁରୁଣା ଲିଭର ରୋଗ ଥିଲା ବୋଲି ସଫେଇ ଦେଇଥିଲେ। ମାତ୍ର ଏଠାରେ ପ୍ରଶ୍ନ ଉଠୁଛି ଯେ, ଯଦି ଥାନା ଭିତରେ ରାକେଶଙ୍କୁ କୌଣସି ନିର୍ଯାତନା ଦିଆଯାଇନାହିଁ କିମ୍ବା ପୁଲିସର କୌଣସି ସଂପୃକ୍ତି ନାହିଁ, ତେବେ ପ୍ରଶାସନ କାହାକୁ ବଞ୍ଚାଇବା ପାଇଁ ଏତେ ତରବରିଆ ଭାବେ ବାରଙ୍ଗ ଥାନା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ବଦଳି କଲା? ଦୁଇ ଦୁଇଥର ଥାନା ଘେରାଉ ସହ ପ୍ରବଳ ଜନ ଉତ୍ତେଜନା ପ୍ରକାଶ ପାଇବା ସମୟରେ ବଦଳି ନ କରି, ହଠାତ୍ ଏବେ କାହିଁକି ଆଇଆଇସିଙ୍କୁ ହଟାଇ ପୁରୀଘାଟ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଗଲା, ତାହା ପୁଲିସର କଳା କାରନାମା ଆଡ଼କୁ ହିଁ ସ୍ପଷ୍ଟ ଆଙ୍ଗୁଠି ନିର୍ଦ୍ଦେଶ କରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି।

ଏହି ସମଗ୍ର ବିବାଦ ଭିତରେ ଶନିବାର ରାତି ପ୍ରାୟ ୨ଟାରେ ରାକେଶଙ୍କ ନିଖୋଜ ସ୍ତ୍ରୀ ସୁରକ୍ଷିତ ଭାବେ ନିଜ ଘରକୁ ଫେରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ତାଙ୍କ ମୋବାଇଲ୍‌ଟି ଭାଙ୍ଗି ଯାଇଥିବା ହେତୁ ସେ ପରିବାର ସଦସ୍ୟଙ୍କ ସହ କୌଣସି ଯୋଗାଯୋଗ କରିପାରି ନ ଥିଲେ। ଏହାକୁ ନେଇ ପରବର୍ତ୍ତୀ ସମୟରେ ପୁଲିସ ପ୍ରଶାସନ ତରଫରୁ ବିଭିନ୍ନ ପ୍ରକାରର ଭ୍ରମାତ୍ମକ ଅପପ୍ରଚାର କରାଯାଇଥିଲା ବୋଲି ଚଣ୍ଡିପ୍ରସାଦ ଗ୍ରାମର ଜଣେ ବ୍ୟକ୍ତି ଆଲୋଚନା ପ୍ରସଙ୍ଗରେ କହିଛନ୍ତି। ଏହାସହ ଗ୍ରାମବାସୀମାନେ ନଖରାସ୍ଥିତ 'ମେଡ୍-ଏକ୍ସ' ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଉଠାଇଛନ୍ତି। ଗତ ୨୪ତାରିଖ ବିଳମ୍ବିତ ରାତି ପ୍ରାୟ ୧୨ଟା ୪୫ରେ ଗୁରୁତର ରାକେଶଙ୍କୁ ଏହି ହସ୍ପିଟାଲକୁ ଅଣାଯାଇଥିଲା ଏବଂ ହସ୍ପିଟାଲର ନିର୍ଦ୍ଦେଶକ ବିକ୍ରମ ସେନାପତିଙ୍କ ତତ୍ତ୍ୱାବଧାନରେ ତୁରନ୍ତ ତାଙ୍କୁ କେବିନ୍ ଯୋଗାଇ ଦେଇ ଚିକିତ୍ସା କରାଯାଇଥିଲା। ତେବେ ଅତି ସଙ୍କଟାପନ୍ନ ଅବସ୍ଥାରେ ରାକେଶଙ୍କୁ ପ୍ରଥମେ କିଏ ଏବଂ କେଉଁ ପରିସ୍ଥିତିରେ ଏହି ହସ୍ପିଟାଲକୁ ଆଣିଥିଲା, ହସ୍ପିଟାଲ କର୍ତ୍ତୃପକ୍ଷ ସେହି ସମୟର ସିସିଟିଭି ଫୁଟେଜ୍ ଯାଞ୍ଚ କରି ସତ୍ୟକୁ ଲୋକଲୋଚନକୁ ଆଣନ୍ତୁ ବୋଲି ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି।

ଅପରପକ୍ଷରେ, କଟକ ବଡ଼ ମେଡିକାଲର ଆଇସିୟୁରେ ମୃତ୍ୟୁ ସହ ସଂଘର୍ଷ କରୁଥିବା ରାକେଶଙ୍କୁ ଦେଖିବା ପାଇଁ ବାରଙ୍ଗ ଶାନ୍ତି କମିଟିର ୫ଜଣିଆ ଏକ ପ୍ରତିନିଧିଦଳ ରବିବାର ହସ୍ପିଟାଲ ଯାଇଥିଲେ।

## ବଡ଼ ପଦାଧିକାରୀଙ୍କୁ ସୁରକ୍ଷା ଦେବାକୁ ଆଇଆଇସିଙ୍କୁ ବଳି!

କଟକ/ବାରଙ୍ଗ, ୩୧।୫ (ସମିସ): କଟକ ଜିଲ୍ଲା ବାରଙ୍ଗ ଥାନା ହାଜତ ଭିତରେ ଜଣେ ନିରୀହ ଯୁବକଙ୍କୁ ଅମାନୁଷିକ ନିର୍ଯାତନା ଦେଇ ଜୀବନ ଓ ମୃତ୍ୟୁର ସନ୍ଧିକ୍ଷଣକୁ ଠେଲି ଦେଇଥିବା ପୁଲିସ ପ୍ରଶାସନ ଏବେ ନିଜର ବର୍ଦ୍ଦି ବଞ୍ଚାଇବା ପାଇଁ ହୀନ ପ୍ରୟାସ ଆରମ୍ଭ କରିଥିବା ଚର୍ଚ୍ଚା ଜୋର ଧରିଛି। ସମଗ୍ର ଘଟଣାରେ ପୁଲିସ ବିଭାଗର ବଡ଼ ପଦାଧିକାରୀଙ୍କ ସଂପୃକ୍ତି ଓ ସେମାନଙ୍କ ଉପରକୁ ଆସୁଥିବା ଆଞ୍ଚକୁ ପ୍ରତିହତ କରିବା ପାଇଁ ବାରଙ୍ଗ ଥାନାର ଇନ୍ସପେକ୍ଟର-ଇନ୍-ଚାର୍ଜ ନିରଞ୍ଜନ ବେହେରାଙ୍କୁ କେବଳ ଏକ ମୋହରା ସଜାଯାଇଛି। ସ୍ଥାନୀୟ ଜନସାଧାରଣଙ୍କ ତୀବ୍ର ଆକ୍ରୋଶ, ବ୍ୟାପକ ଆନ୍ଦୋଳନ ଏବଂ ଜାତୀୟ ରାଜପଥ ଅବରୋଧ ଯୋଗୁଁ ପ୍ରଶାସନ ଉପରେ ଚାପ ପ୍ରବଳ ହେବାରୁ, ବଡ଼ ଅଫିସରଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ତରବରିଆ ଭାବେ ଆଇଆଇସି ନିରଞ୍ଜନ ବେହେରାଙ୍କୁ କଟକ ଡିସିପି କାର୍ଯ୍ୟାଳୟକୁ ବଦଳି କରି ଦିଆଯାଇଛି।

- ତଦନ୍ତ ନାଁରେ ପ୍ରହସନ କରି ନିଜ ଦୋଷ ଲୁଚାଉଛି ପୁଲିସ ପ୍ରଶାସନ
- କେବଳ ଥାନା ଅଧିକାରୀଙ୍କୁ ହଟାଇ ଦୋଷ ଖସାଇବାକୁ ପ୍ରୟାସ
- ପୁଲିସ ବର୍ବରତା ଲୁଚାଇବାକୁ 'ଲିଭର ରୋଗ'ର କାହାଣୀ

ଗତ ମେ' ୨୮ ତାରିଖରେ ଘଟିଥିବା ପ୍ରବଳ ଜନ ଆନ୍ଦୋଳନ ପରେ ଏହି ବଦଳି ନିର୍ଦ୍ଦେଶ ଜାରି କରାଯାଇଛି। ଏକ ନିରପେକ୍ଷ ଏବଂ ସ୍ୱଚ୍ଛ ତଦନ୍ତର ଦୋହାଇ ଦେଇ ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଏହି ବଦଳିକୁ ସାଧାରଣ ପଦକ୍ଷେପ ବୋଲି ଦର୍ଶାଉଥିବା ବେଳେ ପ୍ରକୃତରେ ଏହା ମାମଲାର ମୁଖ୍ୟ ସୂତ୍ରଧରମାନଙ୍କୁ ଖସାଇଦେବାର ଏକ ପୂର୍ବ ପ୍ରସ୍ତୁତ ରଣନୀତି ବୋଲି ଆଲୋଚନା ହେଉଛି। ଅପରପକ୍ଷେ, ବାରଙ୍ଗ ଥାନାର କାର୍ଯ୍ୟ ତୁଲାଇବା ପାଇଁ କଟକ ପୁରୀଘାଟ ଥାନାର ଆଇଆଇସି ବିଶ୍ୱରଞ୍ଜନ ନାୟକଙ୍କୁ ଅତିରିକ୍ତ ଦାୟିତ୍ୱ ଅର୍ପଣ କରି ପ୍ରଶାସନ ନିଜ କର୍ତ୍ତବ୍ୟ ଶେଷ କରିଦେଇଛି। ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନ ପଛରେ ଥିବା ରକ୍ଷଣଶୀଳ ମନୋଭାବକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି।

ସୂଚନାଯୋଗ୍ୟ, ବାରଙ୍ଗ ଥାନା ପୁଲିସ ଚଣ୍ଡିପ୍ରସାଦ ଗ୍ରାମର ରାକେଶ ନାମକ ଜଣେ ଯୁବକଙ୍କୁ ବେଆଇନ ଭାବେ ୩ ଦିନ ଧରି ଥାନା ହାଜତରେ ଅଟକ ରଖିବା ସହ ତାଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରିଥିଲା। ଏହାର ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳରେ ଜନ ଆକ୍ରୋଶର ନିଆଁ ଜଳିଥିଲା। ପୀଡ଼ିତ ଯୁବକଙ୍କୁ ନ୍ୟାୟ ପ୍ରଦାନ ଏବଂ ବାସ୍ତବ ଦୋଷୀ ପୁଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଶତାଧିକ ସ୍ଥାନୀୟ ବାସିନ୍ଦା ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ବାଧ୍ୟ ହୋଇ ପ୍ରଶାସନକୁ କେବଳ ଥାନା ଅଧିକାରୀଙ୍କ ବଳି ପକାଇବାକୁ ପଡ଼ିଛି।

ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏତେ ବଡ଼ ଘଟଣା ଘଟିଯାଇଥିଲେ ମଧ୍ୟ କମିଶନରେଟ୍ ପୁଲିସ ପ୍ରଶାସନ ନିଜର ସଦ୍ୟତମ ରିପୋର୍ଟରେ ଦର୍ଶାଇଛି ଯେ ଗୁରୁତର ରାକେଶ ବର୍ତ୍ତମାନ କଟକ ଏସସିବି ମେଡିକାଲରେ ହାଜତ ମାଡ଼ ଯୋଗୁଁ ନୁହେଁ, ବରଂ ତାଙ୍କର ପୁରୁଣା ଯକୃତ ଜନିତ ସମସ୍ୟା ପାଇଁ ଚିକିତ୍ସିତ ହେଉଛନ୍ତି। ହାଜତ ଭିତରେ ଶାରୀରିକ ନିର୍ଯାତନା ଦିଆଯିବା ନେଇ ଆସିଥିବା ଅଭିଯୋଗର କୌଣସି ସତ୍ୟତା ବା ପ୍ରମାଣ ମିଳିନାହିଁ ବୋଲି ବରିଷ୍ଠ ଅଧିକାରୀମାନେ ବାରମ୍ବାର ସଫେଇ ଦେଉଛନ୍ତି। ଯଦି ପ୍ରଶାସନ ଦାବି କରୁଛି ଯେ ପୁଲିସ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଏବଂ ଯୁବକ ଜଣକ ରୋଗାଗ୍ରସ୍ତ ଥିଲେ, ତେବେ କେଉଁ ଆଧାରରେ ଏବଂ କାହାକୁ ସୁରକ୍ଷା ଦେବା ପାଇଁ ବାରଙ୍ଗ ଆଇଆଇସି ନିରଞ୍ଜନ ବେହେରାଙ୍କୁ ଏତେ ତରବରିଆ ଭାବେ ବଦଳି କରାଗଲା, ତାହା ପୁଲିସର ସଫେଇକୁ ସମ୍ପୂର୍ଣ୍ଣ ରୂପେ ପଦାରେ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି।

**ମହାନଦୀ ବଞ୍ଚାଓ ଆନ୍ଦୋଳନର ଚିନ୍ତନ ବୈଠକ**

## ଭୁବନେଶ୍ୱରରେ ହେବ ମାନବଶୃଙ୍ଖଳ




ଭୁବନେଶ୍ୱର,୩୧।୫(ସମିସ): ମହାନଦୀରେ ପ୍ରକୃତରେ କେତେ ପାଣି ବାସ୍ତବରେ ଉପଲବ୍ଧ ତାକୁ ନେଇ ଦିଲ୍ଲୀରେ ଏକ ଜାତୀୟ ସ୍ତରୀୟ ବିଶେଷଜ୍ଞମାନଙ୍କ ସମ୍ମିଳନୀ ଆୟୋଜିତ ହେବ। ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ମହାନଦୀର ସୁରକ୍ଷା ପାଇଁ ଭୁବନେଶ୍ୱରରେ ଏକ ମାନବ ଶୃଙ୍ଖଳ ଆୟୋଜିତ ହେବ। ସେହିପରି ନଦୀ କୂଳିଆ ଜିଲ୍ଲାଗୁଡ଼ିକରେ ମହାନଦୀ ବଞ୍ଚାଓ ସମ୍ମିଳନୀ ମାନ ଆୟୋଜନ ସହିତ ମହାନଦୀ ଯାତ୍ରା ଆୟୋଜିତ ହେବ। ଏନେଇ ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ରବିବାର ମହାନଦୀରେ ଉପଲବ୍ଧ ଜଳରାଶି ପ୍ରସଙ୍ଗରେ ଅନୁଷ୍ଠିତ ଚିନ୍ତନ ବୈଠକରେ ଉପରୋକ୍ତ ୩ ପ୍ରସ୍ତାବ ପାରିତ ହୋଇଛି। ବୈଠକରେ ଶାସକ ବିଜେପି ଦଳକୁ ଛାଡି ଓଡ଼ିଶାର ସମସ୍ତ ରାଜନୈତିକ ଦଳ ଯଥା ବିଜେଡି, କଂଗ୍ରେସ, ସିପିଏମ, ସିପିଆଇ, ଫରୱାର୍ଡ ବ୍ଲକ, ଏସୟୁସିଆଇ, ସିପିଆଇଏମ(ଏଲ), ଓଡ଼ିଶା ଜନତା କଂଗ୍ରେସ ପାର୍ଟି, ସମତାକ୍ରାନ୍ତି, ରାଷ୍ଟ୍ରୀୟ ଜନତା ଦଳର ନେତାମାନଙ୍କ ବ୍ୟତୀତ ଅନେକ ବିଶେଷଜ୍ଞ, ପୂର୍ବତନ ଯନ୍ତ୍ରୀ, ପ୍ରଶାସକ, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ।

ପୂର୍ବତନ ପୁଲିସ ଡିଜି ଅମୀୟ ଭୂଷଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଚିନ୍ତନ ବୈଠକରେ ଅତିଥି ଭାବରେ ଯୋଗଦେଇ ପୂର୍ବତନ ଜଳ ସମ୍ପଦ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ହୀରାକୁଦ ତଳେ ମହାନଦୀରେ ଜଳ ସଂରକ୍ଷଣ ପାଇଁ ଓଡ଼ିଶା ସରକାର ଆନ୍ତରିକ ଚେଷ୍ଟା କରିବା ଦରକାର। ସେହିପରି ବିଜେଡି ବିଧାୟକ ତଥା ମହାନଦୀ ଜଳ ବିବାଦର ସମାଧାନ ପାଇଁ ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚ ସ୍ତରୀୟ କମିଟିର ସଦସ୍ୟ ନିରଞ୍ଜନ ପୂଜାରୀ ଆପୋଷ ଆଲୋଚନା ମାଧ୍ୟମରେ ଜଳ ବିବାଦର ସମାଧାନ ସମ୍ପର୍କରେ ବୈଠକରେ ନିଜର ମତ ରଖିଥିଲେ। ଏଯାବତ୍ ସରକାର ଗଠନ କରିଥିବା କମିଟି ସେମିତି କିଛି ଆଖିଦୃଶିଆ ଅଗ୍ରଗତି କରି ପାରିନାହିଁ। ଏପରିକି ଯେଉଁ ତଥ୍ୟ ଟ୍ରିବ୍ୟୁନାଲ ନିକଟରେ ଦାଖଲ ହୋଇଛି, ତାକୁ ମଧ କମିଟିର ସଦସ୍ୟମାନଙ୍କୁ ଅବଗତ କରା ଯାଇନାହିଁ ବୋଲି ଶ୍ରୀ ପୂଜାରୀ କହିଥିଲେ।

ବରିଷ୍ଠ ସାମ୍ବାଦିକ ରବି ଦାସ କହିଥିଲେ, ମହାନଦୀ ସମ୍ପ୍ରତି ଯେଉଁ ସ୍ଥିତିରେ ପହଞ୍ଚିଛି, ତାହାର ପ୍ରତିକାର ଯଦି କରା ନ ଯାଏ, ତେବେ ସମୟ ଆସିବ ଓଡ଼ିଶାର ଅର୍ଦ୍ଧାଧିକ ଅଞ୍ଚଳ ମରୁଭୂମି ପାଲଟିଯିବ। ପୂର୍ବତନ ବରିଷ୍ଠ ପ୍ରଶାସକ

**ଶାସକ ଦଳକୁ ଛାଡ଼ି ବୈଠକରେ ଯୋଗଦେଲେ ସବୁ ରାଜନୈତିକ ଦଳ**

ସଂଜୀବ ହୋତା ଓ ଅରବିନ୍ଦ ବେହେରା ଜଳରାଶି ସଂକ୍ରାନ୍ତ ତଥ୍ୟକୁ ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ସନ୍ତୋଷ ସିଂହ ସାଲୁଜା, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ବିଶିଷ୍ଟ ଓକିଲ ଶିବାନନ୍ଦ ରାୟ, ଜଳ ସମ୍ପଦ ବିଭାଗର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ରମେଶ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବୈଠକ ପ୍ରାରମ୍ଭରେ ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଓ ଉପଦେଷ୍ଟା ଇଂ ଲଳିତ ମୋହନ ପଟ୍ଟନାୟକ ମହାନଦୀ ଜଳ ବିବାଦ ଓ ଟ୍ରିବ୍ୟୁନାଲରେ ଦାଖଲ ହୋଇଥିବା ତଥ୍ୟ ଓ ପ୍ରସଙ୍ଗ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିଲେ।

## ସ୍ତ୍ରୀକୁ ହତ୍ୟା କରି ପୋତିଦେଲା

**ଅଭିଯୁକ୍ତ ସ୍ୱାମୀ ଗିରଫ**

ଟାଙ୍ଗୀ, ୩୧।୫ (ସମିସ): ଯୌତୁକ ଓ ପରକୀୟା ପ୍ରୀତି ସନ୍ଦେହରେ ଗାମୁଛାରେ ତଣ୍ଟି ଚିପି ସ୍ତ୍ରୀକୁ ମାରିଦେଲା। ଖାଲି ସେତିକି ନୁହେଁ, ପ୍ରମାଣ ଲୁଚାଇବା ପାଇଁ ବିଲରେ ମୃତଦେହକୁ ପୋତିଦେଲା। କଟକ ଜିଲ୍ଲା ଟାଙ୍ଗୀ ଥାନା ପୁଲିସ ଆଜି ଏପରି ଏକ ସାଂଘାତିକ ଘଟଣା ଉପରୁ ପରଦା ହଟାଇଛି। ମୃତ ମହିଳାଜଣଙ୍କ ହେଲେ, ବନିତା ସେଠୀ(୨୮)। ଆଜି ମଧ୍ୟାହ୍ନରେ ଟାଙ୍ଗୀ ଥାନା ଡ୍ରିମ୍ବ ଫାଣ୍ଡି ଅଧୀନ ମେଣ୍ଢାଖାଇ ଜୋରପାର୍ଶ୍ୱରୁ ପୁଲିସ୍ ବନିତାଙ୍କ ଶବକୁ ମାଟି ଖୋଳି ଜବତ କରିଛି। ଏହି ଘଟଣାରେ ପୁଲିସ ମହିଳାଙ୍କ ସ୍ୱାମୀ ମଳୟ ସାମଲ(୩୦)ଙ୍କୁ ଗିରଫ କରିଛି। ଗିରଫ ପରେ ପୁଲିସ ଘଟଣାସ୍ଥଳରେ ସିନ୍-ରିକ୍ରିଏସନ୍ କରାଇ ମଳୟଙ୍କୁ କୋର୍ଟଚାଲାଣ କରିଛି। ସୂଚନାନୁଯାୟୀ, ଜଗତସିଂହପୁର ଜିଲ୍ଲା ବାଲିକୁଦା ଅଞ୍ଚଳର ବନିତା ୨୦୧୯ ମସିହାରେ ଭଟିମୁଣ୍ଡା ଗ୍ରାମର ମଳୟଙ୍କୁ ପ୍ରେମବିବାହ କରିଥିଲେ। ମାତ୍ର ପରକୀୟା ପ୍ରୀତି ଓ ଯୌତୁକକୁ ନେଇ ଉଭୟଙ୍କ ମଧ୍ୟରେ ସଦାସର୍ବଦା କଳହ ଲାଗି ରହୁଥିଲା। ଏକ ଘରୋଇ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିବା ବନିତା ଗତ ବୁଧବାର ସନ୍ଧ୍ୟାରୁ ନିଖୋଜ ଥିଲେ। ବନିତାଙ୍କ ମା' ମଞ୍ଜୁଲତା ସେଠୀଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ତଦନ୍ତ କରିବା ପରେ ଏହି ସଂଘାତିକ ହତ୍ୟାକାଣ୍ଡର ପର୍ଦ୍ଦାଫାସ ହୋଇଥିଲା। ବନିତାଙ୍କୁ ଏକ ଗାମୁଛାରେ ତଣ୍ଟି ଚିପି ହତ୍ୟା କରିବା ପରେ ଗାତ ଖୋଳି ପୋତି ଦେଇଥିବା ନେଇ ଅଭିଯୁକ୍ତ ସ୍ୱାମୀ ନିଜ ଅପରାଧ ସ୍ୱୀକାର କରିଛି ବୋଲି ଟାଙ୍ଗୀ ଥାନା ଆଇଆଇସି ବିକାଶ ସେଠୀ ସୂଚନା ଦେଇଛନ୍ତି।

**ସାମ୍ବାଦିକ ସମ୍ମିଳନୀରେ ଗର୍ଜିଲେ ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର**

## ରାଜ୍ୟରେ ମୃତହାତୀଙ୍କ ମଧ୍ୟରୁ ୨୨ ପ୍ରତିଶତ ବଡ଼ମ୍ବା-ନରସିଂହପୁର ଅଞ୍ଚଳର

ନରସିଂହପୁର, ୩୧।୫(ସମିସ): ରାଜ୍ୟରେ ବର୍ତ୍ତମାନର ସରକାର ବନ୍ୟଜନ୍ତୁ ସଂରକ୍ଷଣ, ରକ୍ଷଣାବେକ୍ଷଣ ଏବଂ ସାଧାରଣ ଲୋକଙ୍କ ଜୀବନ-ଜୀବିକାକୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ। ସରକାରୀସ୍ତରରେ ଚରମ ଅବହେଳା ଓ ନିଷ୍କ୍ରିୟତା ଯୋଗୁଁ ଗତ ୨ ବର୍ଷ ମଧ୍ୟରେ ବନ୍ୟଜନ୍ତୁ ଆକ୍ରମଣରେ କେବଳ ନରସିଂହପୁର ଅଞ୍ଚଳରେ ୧୦ଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଛି। ସେହିପରି, ସମଗ୍ର ଓଡ଼ିଶାରେ ପ୍ରାଣହରାଉଥିବା ମୋଟ

- ବନ୍ୟଜନ୍ତୁ ସୁରକ୍ଷାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ
- କରିଡର୍ ଚିହ୍ନଟ ସହ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଗଠନ ପାଇଁ ବିଜେଡିର ଦାବି

ହାତୀ ସଂଖ୍ୟାର ୨୨ପ୍ରତିଶତ ହାତୀ କେବଳ ନରସିଂହପୁର ଜଙ୍ଗଲ ଜୋନ୍‌ର। ନରସିଂହପୁର ବ୍ଲକ୍ ଡମକଟାସ୍ଥିତ ବିଜେଡି ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଏପରି ବିସ୍ଫୋରକ ତଥ୍ୟ ରଖିବା ସହ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର ରାଜ୍ୟର ବନ୍ୟଜନ୍ତୁ ମୃତ୍ୟୁ ସମ୍ପର୍କିତ କିଛି ସାଙ୍ଘାତିକ ସରକାରୀ ପରିସଂଖ୍ୟାନ ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ବନ୍ୟଜନ୍ତୁ ଆକ୍ରମଣରେ ମୋଟ ୫୨୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସେଥିରୁ କେବଳ ହାତୀ ଆକ୍ରମଣ ଯୋଗୁଁ ୪୪୩ଜଣଙ୍କ ଜୀବନ ଯାଇଛି। ଏହି ସମାନ ସମୟ ମଧ୍ୟରେ ପ୍ରଶାସନର ଖାମଖିଆଲି ନୀତି ଯୋଗୁଁ ରାଜ୍ୟରେ ୨୪୫ଟି ହାତୀଙ୍କର ମଧ୍ୟ ଅକାଳ ମୃତ୍ୟୁ ରେକର୍ଡ



କରାଯାଇଛି। ୨୦୨୪ ହାତୀଗଣନା ଅନୁସାରେ, ଓଡ଼ିଶାରେ ସମୁଦାୟ ହାତୀ ସଂଖ୍ୟା ୨,୦୯୭ ଥିବା ବେଳେ ପ୍ରତି ୧୦୦ ହାତୀ ପିଛା ହାରାହାରି ୨୧ଜଣ ମଣିଷଙ୍କ ମୃତ୍ୟୁ ଘଟୁଛି, ଯାହା ସମଗ୍ର ଦେଶ ମଧ୍ୟରେ ସର୍ବାଧିକ ଏବଂ ଅତ୍ୟନ୍ତ ଚିନ୍ତାଜନକ।

ଉଦ୍‌ବେଗର ବିଷୟ ହେଉଛି, ଓଡ଼ିଶାର ସମୁଦାୟ ହାତୀ ମୃତ୍ୟୁ ସଂଖ୍ୟାରୁ ୨୨ ପ୍ରତିଶତ କେବଳ ବଡ଼ମ୍ବା-ନରସିଂହପୁର ଆଞ୍ଚଳିକ ବନଖଣ୍ଡରେ ହିଁ ଘଟୁଛି। କେବଳ ଚଳିତବର୍ଷ ଭିତରେ ବଡ଼ମ୍ବା-ନରସିଂହପୁର ଅଞ୍ଚଳରୁ ପ୍ରାୟ ୨୭ଟି ହାତୀଙ୍କର ମୃତ୍ୟୁ ଘଟି ସାରିଥିବା ବେଳେ ହାତୀ ଆକ୍ରମଣରେ ୫ଜଣ ସ୍ଥାନୀୟ ଲୋକଙ୍କ ପ୍ରାଣହାନି ଘଟିଛି।

ଶ୍ରୀ ମିଶ୍ର ଆହୁରି କହିଥିଲେ ଯେ ପୂର୍ବ ସରକାର ସମୟରେ ହାତୀ ସୁରକ୍ଷା ଓ ଲୋକମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ହାତୀ କରିଡର ଚିହ୍ନଟ, ହାତୀ ଟ୍ରେଞ୍ଚ୍ ବ୍ୟବସ୍ଥା, ବନ୍ୟଜନ୍ତୁ ଜନିତ ପୀଡ଼ିତ ପରିବାରକୁ କ୍ଷତିପୂରଣ ରାଶି ବୃଦ୍ଧି ଏବଂ ଜଙ୍ଗଲ ସୁରକ୍ଷା ବାହିନୀକୁ ସୁଦୃଢ଼ କରିବା ପରି ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଥିଲା। କିନ୍ତୁ ବର୍ତ୍ତମାନର ସରକାରଙ୍କ ଦୂରଦୃଷ୍ଟିହୀନତା ଯୋଗୁଁ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ତେଣୁ ବିଜେଡି ପକ୍ଷରୁ ଦାବି କରାଯାଇଛି କି, ଚିହ୍ନଟ ହୋଇସାରିଥିବା ହାତୀ କରିଡରଗୁଡ଼ିକୁ ପ୍ରଶାସନ ତୁରନ୍ତ ସରକାରୀସ୍ତରରେ ଆଇନଗତ ସୁରକ୍ଷା ପ୍ରଦାନ କରୁ। ଜନସୁରକ୍ଷା ଓ ପ୍ରଭାବଶାଳୀ ବନ୍ୟଜନ୍ତୁ ପରିଚାଳନା ପାଇଁ ପ୍ରତି ଜିଲ୍ଲାରେ ଏକ ସ୍ୱତନ୍ତ୍ର 'ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ' ଗଠନ କରିବାକୁ ଶ୍ରୀ ମିଶ୍ର ଦାବି କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ କଟକ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ଏବଂ ବ୍ଲକ ଯୁବ ବିଜୁ ଜନତା ଦଳ ସଭାପତି ନିର୍ମଳ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଶ୍ରୀ ମିଶ୍ରଙ୍କ ଦାବିକୁ ସମର୍ଥନ ଜଣାଇଥିଲେ।



ଅନ୍ତର୍ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବରେ ୩ଟି ସମ୍ମାନ ପାଇଥିବା 'ଅଦମ୍ୟ' ଟିମ୍‌ର ସଦସ୍ୟମାନେ ରବିବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି

**ରାଜ୍ୟରେ ସୁଲଭ ଗୃହ ପ୍ରକଳ୍ପର ବ୍ୟାପକ ସମ୍ପ୍ରସାରଣ ଲକ୍ଷ୍ୟ**

## ସଦର ମହକୁମାରେ ଉପଲବ୍ଧ ହେବ ସୁଲଭ ଗୃହ

ଭୁବନେଶ୍ୱର, ୩୧।୫ (ସମିସ): ସାରା ରାଜ୍ୟରେ ଶସ୍ତା, ସୁଲଭ ଓ ସମାବେଶୀ ଗୃହ ପ୍ରକଳ୍ପର ବ୍ୟାପକ ସମ୍ପ୍ରସାରଣ କରାଯିବ। ଏଥିପାଇଁ ବିଭିନ୍ନ ବୃହତ୍ ଆବାସିକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ସମସ୍ତ ଜିଲ୍ଲା ସଦର ମହକୁମାକୁ ସମ୍ପ୍ରସାରିତ କରାଯିବ। ଏଥିପାଇଁ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଇଛି। ବୋର୍ଡ ପକ୍ଷରୁ ଏପର୍ଯ୍ୟନ୍ତ ୨୧ଟି ଜିଲ୍ଲାରେ ୩୨,୩୪୩ଟି ଗୃହ, ଦୋକାନ ଗୃହ ଏବଂ ପ୍ଲଟ୍ ବିକଶିତ କରାଯାଇଛି। ଏହା ଆର୍ଥିକ ଅନଗ୍ରସର, ନିମ୍ନ ଆୟ, ମଧ୍ୟମ ଆୟ ଏବଂ ଉଚ୍ଚଆୟ ଶ୍ରେଣୀର ଲୋକଙ୍କ ଆବଶ୍ୟକତା ପୂରଣ କରୁଛି। କେବଳ ଖୋର୍ଦ୍ଧା ଜିଲ୍ଲାରେ ୨୦,୦୦୦ରୁ ଅଧିକ ୟୁନିଟ୍ ବିକଶିତ କରାଯାଇଛି। ବର୍ତ୍ତମାନ ୫୧୭ କୋଟିରୁ ଅଧିକ ବିନିଯୋଗରେ ୧୪୮୪ଟି ଆବାସିକ ୟୁନିଟ୍ ସମ୍ବଳିତ ୫ଟି ପ୍ରମୁଖ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି।

## ଆରପାରିରେ ଗାୟିକା ସୁମନ କଲ୍ୟାଣପୁର

ମୁମ୍ବାଇ, ୨୧।୫: ହିନ୍ଦୀ ଚଳଚ୍ଚିତ୍ର ଜଗତର ପ୍ରସିଦ୍ଧ ଗାୟିକା ସୁମନ କଲ୍ୟାଣପୁରଙ୍କ ରବିବାର ବିଳମ୍ବିତ ରାତିରେ ୮୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୁମ୍ବାଇସ୍ଥିତ ନିଜ ବାସଭବନରେ ସେ ଆଜି ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୬୦ ଓ ୧୯୭୦ ଦଶକରେ ନିଜ ମଧୁର କଣ୍ଠସ୍ୱର ପାଇଁ ସେ ସଙ୍ଗୀତପ୍ରେମୀଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଗଢ଼ିଥିଲେ। "ନା ନା କରତେ ପ୍ୟାର ତୁମହିଁ ସେ", "ଆଜକଲ ତେରେ ମେରେ ପ୍ୟାର କେ ଚର୍ଚ୍ଚେ", "ତୁମନେ ପୁକାରା ଔର ହମ ଚଲେ ଆଏ" ଭଳି ଅନେକ ସୁପରହିଟ୍ ଗୀତ ତାଙ୍କୁ ଅମର କରି ରଖିଛି।



ସୁମନ କଲ୍ୟାଣପୁରଙ୍କ ସ୍ୱରକୁ ଅନେକ ସମୟରେ କିଂବଦନ୍ତୀ ଗାୟିକା ଲତା ମଙ୍ଗେସକରଙ୍କ ସ୍ୱର ସହ ତୁଳନା କରାଯାଉଥିଲା। ତଥାପି ନିଜର ସ୍ୱତନ୍ତ୍ର ଗାୟନଶୈଳୀ ଓ ମାଧୁର୍ଯ୍ୟ ବଳରେ ସେ ବଲିଉଡ୍ ସଙ୍ଗୀତ ଜଗତରେ ଏକ ଅଲଗା ପରିଚୟ ସୃଷ୍ଟି କରିଥିଲେ। ସେ ହିନ୍ଦୀ ସହ ମରାଠୀ, ବଙ୍ଗଳା, ଆସାମୀୟ, ଗୁଜରାଟୀ, କନ୍ନଡ ଓ ଓଡ଼ିଆ ଭାଷାରେ ମଧ ଅନେକ ଗୀତ ଗାଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ଗପ ହେଲେ ବି ସତ ଓ ଚିଲିକା ତୀରେ ପାଇଁ ମଧ ସେ ଗୀତ ଗାଇଥିଲେ। ଭାରତ ସରକାର ତାଙ୍କୁ ୨୦୨୩ ମସିହାରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ।

**କୁଳପତି ସମ୍ମିଳନୀରେ ରାଜ୍ୟପାଳଙ୍କ ଆହ୍ୱାନ**

## 'ବିଶ୍ୱବିଦ୍ୟାଳୟରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବାତାବରଣ ସୃଷ୍ଟି କର'



ଭୁବନେଶ୍ୱର, ୩୧।୫ (ସମିସ): ଦୁଇଦିନିଆ କୁଳପତି ସମ୍ମିଳନୀ ଆଜିଠାରୁ ଲୋକଭବନରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସମାରୋହରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ଡ. ହରିବାବୁ କମ୍ଭମପାଟି ଯୋଗଦେଇ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ଆହ୍ୱାନ ଦେଇଛନ୍ତି। ସାମାଜିକ ଦାୟିତ୍ୱବାନ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଉନ୍ନତ ପ୍ରତିଷ୍ଠାନରେ ପରିଣତ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ଜ୍ଞାନ, ନବସୃଜନ, ନେତୃତ୍ୱ ବିକାଶ ଏବଂ ରାଷ୍ଟ୍ର ନିର୍ମାଣରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଦ୍ରୁତ ବୈଷୟିକ ପ୍ରଗତି ଏବଂ ବିଭିନ୍ନ ଆହ୍ୱାନ ମଧ୍ୟରେ ବିଶ୍ୱ ଅଭୂତପୂର୍ବ ପରିବର୍ତ୍ତନ ଦେଇ ଗତି କରୁଥିବା ବେଳେ ଉଚ୍ଚ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କୁ ତଦନୁଯାୟୀ ପାରଙ୍ଗମ କରିବା ଅପରିହାର୍ଯ୍ୟ। ଆତ୍ମନିର୍ଭର ଭାରତ ପାଇଁ ଉଦ୍ୟମିତା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ସହ ଯୁବପିଢ଼ିଙ୍କୁ ସଶକ୍ତ କରିବା ଆବଶ୍ୟକ। ଜାତୀୟ ଶିକ୍ଷାନୀତି (ଏନ୍‌ଇପି)ରେ ଥିବା ସମ୍ଭାବନାକୁ କାର୍ଯ୍ୟାନ୍ୱୟନ କରି ବହୁମୁଖୀ ଶିକ୍ଷା, ଶୈକ୍ଷିକ ନମନୀୟତା, ଦକ୍ଷତା ବିକାଶ, ଡିଜିଟାଲ୍ ଶିକ୍ଷା, ଉତ୍କର୍ଷ ଗବେଷଣା ଏବଂ ଦୃଢ଼ ଶିଳ୍ପ ସହଭାଗିତାକୁ ପ୍ରୋତ୍ସାହିତ କରାଯାଇପାରିବ। ଲୋକଭବନର ଟ୍ରାଇବାଲ ସେଲ୍ ଦ୍ୱାରା ପ୍ରସ୍ତୁତ ପିଭିଟିଜି ଗୋଷ୍ଠୀର ଡକ୍ୟୁମେଣ୍ଟେସନ୍ ପ୍ରକାଶନଗୁଡ଼ିକ ଶିକ୍ଷାଗତ ଅଧ୍ୟୟନ ଏବଂ ଗବେଷଣା ପାଇଁ ବିଶ୍ୱବିଦ୍ୟାଳୟମାନଙ୍କୁ ଉପଲବ୍ଧ କରାଯିବ ବୋଲି ରାଜ୍ୟପାଳ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟ କେବଳ ଡିଗ୍ରୀ ପ୍ରଦାନକାରୀ ଅନୁଷ୍ଠାନ ନୁହେଁ, ବରଂ ଜ୍ଞାନ ସୃଷ୍ଟି, ନବସୃଜନ ଏବଂ ଗବେଷଣାର କେନ୍ଦ୍ର ଭାବେ ଗଢ଼ିବାକୁ କୁଳପତିଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

